**Rejoice Learning Center North India**
Author: **Miriam Leavell**
Rejoice Corpus Christi, USA
www.rejoicecc.org
Odia Translator: **Ps Dipti Prakash Rajhans**
(President) Rejoice Corpus Christi North India

# ପାଠ ୪ : ପବିତ୍ର ଆତ୍ମାଙ୍କ ଫଳ

## ପରିଚୟ

**ପବିତ୍ର ଆତ୍ମାଙ୍କ ଫଳ** ହେଉଛି ଜଣେ ବିଶ୍ୱାସୀଙ୍କଠାରେ ପରମେଶ୍ୱରଙ୍କ କାର୍ଯ୍ୟର ପ୍ରମାଣ । ଯେତେବେଳେ ଆମେ ଯୀଶୁଙ୍କଠାରେ ଆଶ୍ରୟ ନେଲେ, ବିଶ୍ୱାସରେ ବୃଦ୍ଧି ପାଇଲେ ଏବଂ ପବିତ୍ର ଆତ୍ମାଙ୍କ ଆଜ୍ଞାପାଳୀ ଚାଲିଲେ ଆମେ ବହୁତ ଫଳ ଫଳିବା । ତାଙ୍କ ବ୍ୟତୀତ, ଆମେ କିଛି କରିପାରିବା ନାହିଁ ।

### ଗାଲାତୀୟ ୫:୨୨-୨୩ କୁହେ:

"କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଭଦ୍ରତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ; ଏହି ସମସ୍ତ ବିରୁଦ୍ଧରେ କୌଣସି ମୋଶାଙ୍କ ବ୍ୟବସ୍ଥା ନାହିଁ ।"

**ଲକ୍ଷ୍ୟ**: ଫଳ ବିଷୟରେ ବାଇବଲ ଅନୁଯାୟୀ ବୁଝାମଣା ପାଇବା ଏବଂ ପବିତ୍ର ଆତ୍ମାଙ୍କୁ ଆମ ଭିତରେ ଫଳ ବିକଶିତ କରିବାକୁ ଅନୁମତି ଦେବା । ଶେଷ ଲକ୍ଷ୍ୟ ହେଉଛି ଆମେ ଯୀଶୁଙ୍କ ପରି ଦେଖାଯିବା ଏବଂ କାର୍ଯ୍ୟ କରିବା ।

---

## ୧. ପ୍ରେମ

**ଈଶ୍ୱର ହିଁ  ପ୍ରେମ ।**
**୧ମ ଯୋହନ ୪:୮ପଦ** "ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ ।

**ପ୍ରେମ ପରମେଶ୍ୱରଙ୍କଠାରୁ ଆସେ ।**

**୧ମ ଯୋହନ ୪:୭ପଦ** ପ୍ରିୟମାନେ, ଆସନ୍ତୁ ଆମେ ପରସ୍ପରକୁ ପ୍ରେମ କରିବା, କାରଣ ପ୍ରେମ ପରମେଶ୍ୱରଙ୍କଠାରୁ ଆସେ, ଏବଂ ଯେକେହି ପ୍ରେମ କରେ, ସେ ପରମେଶ୍ୱରଙ୍କଠାରୁ ଜନ୍ମ ହୋଇଛି ଏବଂ ପରମେଶ୍ୱରଙ୍କୁ ଜାଣେ।

### ପ୍ରେମ ଦେଇଥାଏ

**ଯୋହନ ୩:୧୬ପଦ** "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।"

**ଆମକୁ ପରମେଶ୍ୱର ଏବଂ ଅନ୍ୟମାନଙ୍କୁ ପ୍ରେମ କରିବା ପାଇଁ ଆହ୍ୱାନ କରାଯାଇଛି ।**
**ମାର୍କ ୧୨:୨୯-୩୧ପଦ** "ଯୀଶୁ ଉତ୍ତର ଦେଲେ, ପ୍ରଧାନ ଆଜ୍ଞା ଏହି, ହେ ଇସ୍ରାଏଲ, ଶୁଣ; ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି; ଆଉ ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର । ଦ୍ୱିତୀୟଟି ଏହି, ତୁମ୍ଭେ ଆପଣା ପ୍ରତିବାସୀକୁ ଆତ୍ମତୁଲ୍ୟ ପ୍ରେମ କର । ଏହି ଆଜ୍ଞାଗୁଡ଼ିକ ଅପେକ୍ଷା ଆଉ କୌଣସି ଶ୍ରେଷ୍ଠ ଆଜ୍ଞା ନାହିଁ ।"

**୧ମ ଯୋହନ ୪:୧୯ପଦ** ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ।

**ଯୋହନ ୧୩:୩୪-୩୫ପଦ** "ତୁମ୍ଭେମାନେ ପରସ୍ପରକୁ ପ୍ରେମ କର, ଏହି ନୂତନ ଆଜ୍ଞା ମୁଁ ତୁମ୍ଭମାନଙ୍କୁ ଦେଉଅଛି; ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଅଛି, ତୁମ୍ଭେମାନେ ମଧ୍ୟ ସେହିପରି ପରସ୍ପରକୁ ପ୍ରେମ କର । ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହାହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ, ଏହା ସମସ୍ତେ ତଦ୍ୱାରା ଜ୍ଞାତ ହେବେ ।"

**୧ମ ପିତର ୪:୮ପଦ** "ବିଶେଷରେ ପ୍ରଗାଢ଼ ପ୍ରେମରେ ପରସ୍ପରକୁ ପ୍ରେମ କରୁଥାଅ, କାରଣ ପ୍ରେମ ବହୁଳ ପାପ ଆଚ୍ଛାଦନ କରେ ।"

**ରୋମୀୟ ୧୩:୮ପଦ** "ପରସ୍ପରକୁ ପ୍ରେମ କରିବା ବିନା ଆଉ କାହିଁରେ କାହାରିଠାରେ ଋଣୀ ହୁଅ ନାହିଁ; କାରଣ ଯେ ପରକୁ ପ୍ରେମ କରେ, ସେ ମୋଶାଙ୍କ ବ୍ୟବସ୍ଥା ସଫଳ କରିଅଛି ।"

## ପ୍ରେମ ଦେଖାଇବାର ତିନୋଟି ବାଇବଲ ଆଧାରିତ ଉପାୟ:

**୧. ଆମ ଜୀବନକୁ ସମର୍ପଣ କରିବା ।**
**ରୋମୀୟ ୫:୮ପଦ** "କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।"

**୧ମ ଯୋହନ ୩:୧୬** "ସେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ଦାନ କରିବା ଦ୍ୱାରା ଆମ୍ଭେମାନେ ପ୍ରେମର ପରିଚୟ ପାଇଅଛୁ; ପୁଣି, ଭାଇମାନଙ୍କ ନିମନ୍ତେ ଆମ୍ଭମାନଙ୍କର ମଧ୍ୟ ପ୍ରାଣ ଦାନ କରିବା ଉଚିତ ।"

**ଯୋହନ ୧୫:୧୩ପଦ** "ଆପଣା ବନ୍ଧୁମାନଙ୍କ ନିମନ୍ତେ ନିଜ ପ୍ରାଣ ଦାନ କରିବା ଅପେକ୍ଷା କାହାରି ଆଉ ଅଧିକ ଶ୍ରେଷ୍ଠ ପ୍ରେମ ନାହିଁ ।"
**ଏଫିସିୟ ୫:୨୫-୨୭ପଦ** "[25]ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକୁ ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର; ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ, [26]ଯେପରି ବାକ୍ୟ ଓ ଜଳ ପ୍ରକ୍ଷାଳନ ଦ୍ୱାରା ସେ ତାହାକୁ ପରିଷ୍କାର କରି ପବିତ୍ର କରନ୍ତି [27] ଯେପରି ମଣ୍ଡଳୀ ନିଷ୍କଳଙ୍କ, ନିଖୁନ୍ତ ଓ ସମସ୍ତ ପ୍ରକାର

ଦୋଷରହିତ ହୋଇ ପବିତ୍ର ଓ ଅନିନ୍ଦନୀୟ ହୁଏ, ଆଉ ସେହିପରି ଗୌରବମୟ ଅବସ୍ଥାରେ ସେ ତାହାକୁ ଆପଣା ନିକଟରେ ଉପସ୍ଥିତ କରନ୍ତି ।”

**୨. ପରମେଶ୍ୱରଙ୍କ ଆଜ୍ଞା ପାଳନ କରିବା ।**

ଯୋହନ ୧୪:୧୫ ପଦ “ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।”

**3. କାର୍ଯ୍ୟ ମାଧ୍ୟମରେ ।**
**୧ମ ଯୋହନ ୩: ୧୭-୧୮ପଦ** [୧୭]କିନ୍ତୁ ଯେ ଜାଗତିକ ଭାବେ ଧନଶାଳୀ ହୋଇ ଆପଣା ଭାଇକୁ ଅଭାବଗ୍ରସ୍ତ ଦେଖିଲେ ହେଁ ତାହା ପ୍ରତି ଆପଣା ଦୟା ରୁଦ୍ଧ କରେ, ତାହାଠାରେ ଈଶ୍ୱରଙ୍କ ପ୍ରେମ କିପରି ରହିପାରେ ? [୧୮] ହେ ବତ୍ସଗଣ, ଆସ, ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରୁ ।

**ପ୍ରେମର ବୈଶିଷ୍ଟ୍ୟ**

**୧ମ କରିନ୍ଥୀୟ ୧୩:୪-୮ପଦ** ପ୍ରେମ ଦୀର୍ଘସହିଷ୍ଣୁ ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅହଙ୍କାର କରେ ନାହିଁ, ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ, ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ; ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ ।

**ଆମ୍ଭମାନଙ୍କୁ ପ୍ରେମରେ ସମସ୍ତ କାର୍ଯ୍ୟ କରିବାକୁ ଆଦେଶ ଦିଆଯାଇଛି ।**

**୧ମ** କରିନ୍ଥୀୟ **୧୬:୧୪ପଦ** ତୁମ୍ଭମାନଙ୍କର ସମସ୍ତ କର୍ମ ପ୍ରେମରେ ସାଧିତ ହେଉ ।

**କଲସୀୟ ୩:୧୪ ପଦ** ଆଉ, ଏହି ସମସ୍ତ ଉପରେ ପ୍ରେମକୁ ପରିଧାନ କର, ଏହା ସିଦ୍ଧ ଅବସ୍ଥାର ବନ୍ଧନ ସ୍ୱରୂପ।

**ସାରାଂଶ:** ପ୍ରେମ ହେଉଛି ଆମର ମୂଳଦୁଆ କାରଣ ପରମେଶ୍ୱର ହେଉଛନ୍ତି ପ୍ରେମ। ଏବଂ ଆମେ ପବିତ୍ର ଆତ୍ମାଙ୍କୁ ଅନୁସରଣ କରିବା ଦ୍ୱାରା ତାଙ୍କ ପ୍ରେମ ଆମ ମାଧ୍ୟମରେ ପ୍ରକାଶିତ ହୁଏ ।

---

## ୨. ଆନନ୍ଦ

**ଆମେ ପରମେଶ୍ୱରଙ୍କ ଉପସ୍ଥିତିରେ ଆନନ୍ଦ ପାଇଥାଉ ।**
**ଗୀତସଂହିତା ୧୬:୧୧ପଦ** ତୁମ୍ଭେ ମୋତେ ଜୀବନର ପଥ ଦେଖାଇବ; **ତୁମ୍ଭ ସମ୍ମୁଖରେ ଆନନ୍ଦର ପୂର୍ଣ୍ଣତା ଥାଏ;** ତୁମ୍ଭ ଦକ୍ଷିଣ ପାଖରେ ନିତ୍ୟ ସୁଖଭୋଗ ଥାଏ ।

**ଯୋହନ ୧୬:୨୨ପଦ** ସେହିପରି ତୁମ୍ଭେମାନେ ବର୍ତ୍ତମାନ ଦୁଃଖ ପାଉଅଛ, କିନ୍ତୁ ମୁଁ ପୁନର୍ବାର ତୁମ୍ଭମାନଙ୍କୁ ଦର୍ଶନ ଦେବି, ଆଉ ତୁମ୍ଭମାନଙ୍କ ହୃଦୟ ଆନନ୍ଦିତ ହେବ ଓ କେହି ତୁମ୍ଭମାନଙ୍କଠାରୁ ତୁମ୍ଭମାନଙ୍କର ଆନନ୍ଦ ହରଣ କରିବ ନାହିଁ ।

**ବିଶ୍ୱାସ କରିବା ଦ୍ୱାରା ଆମେ ଆନନ୍ଦ ପାଇଥାଉ ।**

**ରୋମୀୟ ୧୫:୧୩ ପଦ** ସେହି ଭରସାର ଈଶ୍ୱର ତୁମ୍ଭମାନଙ୍କୁ ବିଶ୍ୱାସ ଦ୍ୱାରା ସମସ୍ତ ଆନନ୍ଦ ଓ ଶାନ୍ତିରେ ପରିପୂର୍ଣ୍ଣ କରନ୍ତୁ ।

**ଆମ୍ଭେମାନେ ଆମର ପରିତ୍ରାଣରେ ଆନନ୍ଦ ପାଇଥାଉ ।**

**ଗୀତସଂହିତା ୫୧:୧୨ପଦ** ରାଜା ଦାଉଦ ବତ୍ଶେବାଠାରେ ପାପ କଲା ଉତ୍ତାରେ :
[୧୨]ତୁମ୍ଭ ପରିତ୍ରାଣର ଆନନ୍ଦ ପୁନର୍ବାର ମୋତେ ଦିଅ ଓ ସ୍ୱଚ୍ଛନ୍ଦ ଆତ୍ମା ଦେଇ ମୋତେ ଧରି ରଖ ।

**ପରମେଶ୍ୱରଙ୍କ ବାକ୍ୟ ବୁଝିବାରେ ଆମେ ଆନନ୍ଦ ପାଇଥାଉ ।**
**ନହିମିୟା ୮**
ଭୂମିକା: ଇସ୍ରାଏଲ ବାବିଲନରୁ ଯିରୂଶାଲମ ଫେରିବା ପରେ, ଏଜ୍ରା ଯାଜକ ମୋଶାଙ୍କ ବ୍ୟବସ୍ଥା ନେଇ ଲୋକମାନଙ୍କ ସାକ୍ଷ୍ୟାତରେ ପାଠ କଲେ । ଏବଂ ସେ ଏହାକୁ ସ୍ପଷ୍ଟ ଭାବରେ ବୁଝାଇଲେ ଏବଂ ଅର୍ଥ ମଧ୍ୟ କହିଲେ ଯେପରି ଲୋକମାନେ ଯାହା ପଢ଼ାଯାଉଥିଲା ତାହା ବୁଝିପାରିବେ ।

**ନହିମିୟା ୮:୯-୧୨**
ପୁଣି, ଶାସନକର୍ତ୍ତା ନିହିମୀୟା ଓ ଅଧ୍ୟାପକ ଓ ଯାଜକ ଏଜ୍ରା ଓ ଲୋକମାନଙ୍କର ଶିକ୍ଷକ ଲେବୀୟମାନେ ସମସ୍ତ
ଲୋକଙ୍କୁ କହିଲେ, "ଆଜିଦିନ ସଦାପ୍ରଭୁ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ପବିତ୍ର ଅଟେ; ଶୋକ ନ କର କି
ରୋଦନ ନ କର ।" କାରଣ ବ୍ୟବସ୍ଥାର ବାକ୍ୟ ଶ୍ରବଣ କରନ୍ତେ, ସମସ୍ତ ଲୋକ ରୋଦନ କଲେ । [୧୦] ଆଉ, ନିହିମୀୟା
ସେମାନଙ୍କୁ କହିଲା, "ଆପଣା ଆପଣା ପଥରେ ଯାଅ, ଚିକଣ ଦ୍ରବ୍ୟ ଭୋଜନ କର ଓ ମିଠା ଦ୍ରବ୍ୟ ପାନ କର ଓ ଯାହା
ନିମନ୍ତେ କିଛି ପ୍ରସ୍ତୁତ ହୋଇ ନାହିଁ, ତାହା ନିକଟକୁ କିଛି ଅଂଶ ପଠାଅ; କାରଣ ଆଜିର ଦିନ ଆମ୍ଭମାନଙ୍କ ପ୍ରଭୁଙ୍କ
ଉଦ୍ଦେଶ୍ୟରେ ପବିତ୍ର ଅଟେ, **ତୁମ୍ଭେମାନେ ଦୁଃଖିତ ନ ହୁଅ; ଯେଣୁ ସଦାପ୍ରଭୁ ବିଷୟକ ଆନନ୍ଦ ତୁମ୍ଭମାନଙ୍କର
ବଳ ଅଟେ** ।" [୧୧] ଏହିରୂପେ ଲେବୀୟମାନେ ସମସ୍ତ ଲୋକଙ୍କୁ ତୁନି କରାଇ କହିଲେ, "ନୀରବ ହୁଅ, ଆଜି ପବିତ୍ର
ଦିନ ! ତୁମ୍ଭେମାନେ ଦୁଃଖିତ ନ ହୁଅ ।" [୧୨]ଏଉତ୍ତାରେ ଲୋକମାନେ ଆପଣାମାନଙ୍କ ନିକଟରେ ପ୍ରକାଶିତ ବାକ୍ୟସବୁ
ବୁଝିବାରୁ **ସେମାନେ ସମସ୍ତେ ଭୋଜନପାନ କରିବାକୁ ଓ କିଛି ଅଂଶ ପଠାଇବାକୁ ଓ ଅତିଶୟ ଆନନ୍ଦ କରିବାକୁ ଆପଣା ଆପଣା ପଥରେ ଗମନ କଲେ ।**

**ପ୍ରଭୁ ଚାହାଁନ୍ତି ଯେ ଆମେ ଭଲ ଏବଂ କ୍ଲେଶଭୋଗର ସମୟରେ ଆନନ୍ଦିତ ହେଉ ।**
**ଫିଲିପ୍ପୀୟ ୪:୪ ପଦ** ସର୍ବଦା ପ୍ରଭୁଙ୍କଠାରେ ଆନନ୍ଦ କର, ପୁନଶ୍ଚ କହୁଅଛି, ଆନନ୍ଦ କର ।
**ରୋମୀୟ ୫:୩ପଦ** କେବଳ ତାହା ନୁହେଁ, ସମସ୍ତ କ୍ଲେଶରେ ମଧ୍ୟ ଦର୍ପ କରୁଅଛୁ, ଯେଣୁ କ୍ଲେଶରୁ ଧୈର୍ଯ୍ୟ, ଧୈର୍ଯ୍ୟରୁ ଅନୁଭୂତି, ପୁଣି, ଅନୁଭୂତିରୁ ଭରସା ଜନ୍ମେ ।

**ସାରାଂଶ**: ଆନନ୍ଦ ପରିସ୍ଥିତି ଉପରେ ନିର୍ଭର କରେ ନାହିଁ । ଆମେ ଯୀଶୁଙ୍କ ଉପସ୍ଥିତିରେ ଅଛୁ, ତାଙ୍କଠାରେ ବିଶ୍ୱାସ କରୁ, ତାଙ୍କ ବାକ୍ୟକୁ ବୁଝିପାରୁ, ଏବଂ ତାଙ୍କ ପରିତ୍ରାଣରେ (ପାପ, ଅସୁସ୍ଥତା ଏବଂ ମୃତ୍ୟୁରୁ ମୁକ୍ତି) ଚାଲିପାରୁ, ତେଣୁ ଆମେ ଆନନ୍ଦ ପାଇପାରୁ ।

---

## ୩. ଶାନ୍ତି

**ପରମେଶ୍ୱର ଶାନ୍ତିର ପରମେଶ୍ୱର ଅଟନ୍ତି ।**
"ଶାନ୍ତିର ପରମେଶ୍ୱର" ପାଇଁ ଏବ୍ରୀ ଭାଷାରେ ନାମ ହେଉଛି "ଯିହୋବା ଶାଲୋମ୍", ଯାହା ପୁରାତନ ନିୟମରେ ଗିଦିୟୋନ୍‌ଙ୍କ କାହାଣୀରେ ଦେଖାଯାଏ (ବିଚାରକର୍ତ୍ତା ୬:୨୪)।

**ଏବ୍ରୀ ୧୩:୨୦ପଦ** ଯେଉଁ ଶାନ୍ତିଦାତା ଈଶ୍ୱର ଅନନ୍ତକାଳସ୍ଥାୟୀ ନିୟମର ରକ୍ତ ହେତୁ ପ୍ରଧାନ ମେଷପାଳକ, ଅର୍ଥାତ୍, ଆମ୍ଭମାନଙ୍କର ପ୍ରଭୁ ଯୀଶୁଙ୍କୁ ମୃତମାନଙ୍କ ମଧ୍ୟରୁ ଫେରାଇ ଆଣିଲେ; [୨୧]ତାହାଙ୍କ ଦୃଷ୍ଟିରେ ଯାହା ସନ୍ତୋଷଜନକ, ତାହା ସେ ଆମ୍ଭମାନଙ୍କ ଅନ୍ତରରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ସମ୍ପନ୍ନ କରି ତାହାଙ୍କ ଇଚ୍ଛା ସାଧନ କରିବାକୁ ତୁମ୍ଭମାନଙ୍କୁ ପ୍ରତ୍ୟେକ ସତ୍କର୍ମରେ ସିଦ୍ଧ କରନ୍ତୁ । ଯୁଗେ ଯୁଗେ ଗୌରବ ତାହାଙ୍କର । ଆମେନ୍ ।

**ଫିଲିପ୍ପୀୟ ୪:୯ପଦ** ତୁମ୍ଭେମାନେ ଯେ ସମସ୍ତ ବିଷୟ ମୋ'ଠାରୁ ଶିଖିଅଛ, ପାଇଅଛ, ଶୁଣିଅଛ ଓ ମୋ'ଠାରେ ଦେଖିଅଛ, ସେହି ସବୁ କର; ସେଥିରେ ଶାନ୍ତିଦାତା ଈଶ୍ୱର ତୁମ୍ଭମାନଙ୍କର ସହବର୍ତ୍ତୀ ହେବେ ।

**ଯୀଶୁ ଶାନ୍ତି ଦିଅନ୍ତି ।**
**ଯୋହନ ୧୪:୨୭ପଦ** ମୁଁ ତୁମ୍ଭମାନଙ୍କୁ ଶାନ୍ତି ଦାନ କରି ଯାଉଅଛି, ମୋହର ନିଜର ଶାନ୍ତି ତୁମ୍ଭମାନଙ୍କୁ ଦାନ କରୁଅଛି; ଜଗତ ଯେପରି ଦାନ କରେ, ମୁଁ ତୁମ୍ଭମାନଙ୍କୁ ସେପରି ଦାନ କରୁ ନାହିଁ । ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ କି ଭୟଗ୍ରସ୍ତ ନ ହେଉ ।

**ଆମ୍ଭମାନଙ୍କୁ ଶାନ୍ତିରେ ରହିବାକୁ ଆହ୍ୱାନ କରାଯାଇଛି ।**

**ରୋମୀୟ ୧୨:୧୮ ପଦ** ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ୍ୟ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।

**ଆମ୍ଭେମାନେ ଶାନ୍ତି ଦ୍ୱାରା ସୁରକ୍ଷିତ ଅଟୁ ।**
**ଫିଲିପ୍ପୀୟ ୪:୬-୭ପଦ** କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ, କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନସବୁ ଈଶ୍ୱରଙ୍କ ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ ।

**ସାରାଂଶ:** ଅଶାନ୍ତିରେ ମଧ୍ୟ ଈଶ୍ୱରଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା ଶାନ୍ତି ଆସିଥାଏ । ଯେତେବେଳେ ଆମେ ଆମର ଚିନ୍ତା ତାଙ୍କ ନିକଟରେ ସମର୍ପଣ କରୁ, ତାଙ୍କ ଶାନ୍ତି ଆମ ହୃଦୟକୁ ରକ୍ଷା କରେ ।

---

## ୪. ଦୀର୍ଘସହିଷ୍ଣୁତା

**ପରମେଶ୍ୱର ଧୈର୍ଯ୍ୟବାନ ଅଟନ୍ତି ।**
**୨ୟ ପିତର ୩:୯ପଦ** ବିଳମ୍ବ ବୋଲି ଯେପରି କେତେକ ଭାବନ୍ତି, ପ୍ରଭୁ ଆପଣା ପ୍ରତିଜ୍ଞା ବିଷୟରେ ସେପରି ବିଳମ୍ବ କରନ୍ତି ନାହିଁ; କିନ୍ତୁ ଯେପରି କେହି ବିନଷ୍ଟ ନ ହୁଅନ୍ତି, ବରଂ ସମସ୍ତେ ମନ ପରିବର୍ତ୍ତନ କରନ୍ତି, ଏହା ଇଚ୍ଛା କରି ସେ ତୁମ୍ଭମାନଙ୍କ ପ୍ରତି ଦୀର୍ଘସହିଷ୍ଣୁ ଅଟନ୍ତି ।

**ଆମକୁ ଧୈର୍ଯ୍ୟ ରଖିବାକୁ ଆହ୍ୱାନ କରାଯାଇଛି ।**
**ରୋମୀୟ ୧୨:୧୨ପଦ** ଭରସାରେ ଆନନ୍ଦ କର; କ୍ଳେଶରେ ସହିଷ୍ଣୁ ହୁଅ, ପ୍ରାର୍ଥନାରେ ଏକାଗ୍ର ଭାବରେ ନିବିଷ୍ଟ ଥାଅ;
**ଏଫିସିୟ ୪:୨ପଦ** ଅର୍ଥାତ୍ ସର୍ବପ୍ରକାର ନମ୍ରତା, ମୃଦୁତା, ଦୀର୍ଘ ସହିଷ୍ଣୁତା ଓ ପ୍ରେମରେ ପରସ୍ପର ପ୍ରତି ସହନଶୀଳ ହୁଅ;

**ଯାକୁବ ୧:୨-୪ପଦ** ହେ ମୋହର ଭାଇମାନେ, ତୁମ୍ଭେମାନେ ଯେତେବେଳେ ନାନା ପ୍ରକାର ପରୀକ୍ଷାରେ ପରୀକ୍ଷିତ
ହୁଅ, [୩]ତେବେଳେ ତାହା ବିଶେଷ ଆନନ୍ଦର ବିଷୟ ବୋଲି ମନେ କର; ପରୀକ୍ଷାସିଦ୍ଧ ବିଶ୍ୱାସ ଯେ ସହିଷ୍ଣୁତା ଉତ୍ପନ୍ନ
କରେ, ଏହା ତ ଜାଣିଅଛ । [୪]ଆଉ, ତୁମ୍ଭେମାନେ ଯେପରି କୌଣସି ବିଷୟରେ ଊଣା ନ ପଡ଼ି ସିଦ୍ଧ ଓ ସମ୍ପୂର୍ଣ୍ଣ ହୁଅ,
ଏଥିପାଇଁ ସହିଷ୍ଣୁତା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ ସାଧନ କରୁ ।

**କଲସୀୟ ୩:୧୨-୧୩ପଦ** ଅତଏବ, ଈଶ୍ୱରଙ୍କ ମନୋନୀତ ସାଧୁ ଓ ପ୍ରିୟ ଲୋକ ହୋଇ କୋମଳ ହୃଦୟ, ଦୟା, ନମ୍ରତା, ମୃଦୁତା ଓ ଦୀର୍ଘସହିଷ୍ଣୁତା ପରିଧାନ କର । ପରସ୍ପର ପ୍ରତି ସହନଶୀଳ ହୁଅ ଆଉ ଯଦି କାହାରି କାହାରି ବିରୁଦ୍ଧରେ କୌଣସି କଥା ଥାଏ, ତେବେ ଏକକୁ ଆରେକ କ୍ଷମା କର; ପ୍ରଭୁ ଯେପରି ତୁମ୍ଭମାନଙ୍କୁ କ୍ଷମା କରିଅଛନ୍ତି, ତୁମ୍ଭେମାନେ ମଧ୍ୟ ସେହିପରି କର ।

**ଗୀତସଂହିତା ୩୭:୭-୯ ପଦ** ସଦାପ୍ରଭୁଙ୍କଠାରେ ସୁସ୍ଥିର ହୁଅ ଓ ଧୈର୍ଯ୍ୟ ଧରି ତାହାଙ୍କ ଅପେକ୍ଷାରେ ରୁହ; ଯେ ନିଜ ମାର୍ଗରେ କୃତକାର୍ଯ୍ୟ ହୁଏ, ଯେଉଁ ଜନ  କୁସଂକଳ୍ପ ସାଧନ କରେ, ତାହା ସକାଶୁ ଆପଣାକୁ ବିରକ୍ତ କର ନାହିଁ । କ୍ରୋଧରୁ କ୍ଷାନ୍ତ ହୁଅ ଓ କୋପ ତ୍ୟାଗ କର; ଆପଣାକୁ ବିରକ୍ତ କର ନାହିଁ, ତାହା କେବଳ ଦୁଷ୍କର୍ମ କରିବାକୁ ପ୍ରବର୍ତ୍ତାଏ । କାରଣ ଦୁଷ୍କର୍ମକାରୀମାନେ ଉଚ୍ଛିନ୍ନ ହେବେ; ମାତ୍ର ସଦାପ୍ରଭୁଙ୍କ ଅପେକ୍ଷାକାରୀମାନେ ଦେଶାଧିକାରୀ ହେବେ ।

**ଆମର ଧୈର୍ଯ୍ୟ ଏକ ଉଦାହରଣ ଅଟେ ।**
**୧ମ ତୀମଥି ୧:୧୬ ପଦ** ତଥାପି ଯେଉଁମାନେ ଭବିଷ୍ୟତ କାଳରେ ଅନନ୍ତ ଜୀବନ ପାଇବା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରିବେ, ସେମାନଙ୍କ ନିକଟରେ ଏକ ଉଦାହରଣ ହେବା ପାଇଁ ପ୍ରଧାନ ପାପୀ ଯେ ମୁଁ, ମୋଠାରେ ସେ ଯେପରି ଆପଣା ପୂର୍ଣ୍ଣ ଚିରସହିଷ୍ଣୁତା ପ୍ରକାଶ କରନ୍ତି, ଏଥି ନିମନ୍ତେ ମୁଁ ଦୟା ପ୍ରାପ୍ତ ହେଲି ।

**ସାରାଂଶ:** ଧୈର୍ଯ୍ୟ ହେଉଛି ପରମେଶ୍ୱରଙ୍କ ସମୟରେ ବିଶ୍ୱାସର ହୃଦୟ ସହିତ କଷ୍ଟ ସହ୍ୟ କରିବା । ଏହା ତାଙ୍କ ଉପରେ ଆମର ବିଶ୍ୱାସ ଏବଂ ନିର୍ଭରତାକୁ ପ୍ରତିଫଳିତ କରେ ।

---

## ୫. ପରୋପକାରିତା ।

**ପରମେଶ୍ୱର ଦୟାଳୁ ଅଟନ୍ତି ।**

**ତୀତସ ୩:୪-୭ପଦ** [୪]କିନ୍ତୁ ଯେତେବେଳେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଈଶ୍ୱରଙ୍କ ଦୟା ଓ ମାନବଜାତି ପ୍ରତି ତାହାଙ୍କ ପ୍ରେମ ପ୍ରକାଶିତ ହେଲା, [୫] ସେତେବେଳେ ସେ ଆମ୍ଭମାନଙ୍କ କୃତ ଧର୍ମକର୍ମ ସକାଶେ ନୁହେଁ, ମାତ୍ର ଆପଣାର ଦୟାନୁସାରେ ନୂତନ ଜନ୍ମର ପ୍ରକ୍ଷାଳନ ଓ ପବିତ୍ର ଆତ୍ମାଙ୍କ ନୂତନୀକରଣ ଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ କରିଅଛନ୍ତି; [୬]
ସେହି ପବିତ୍ର ଆତ୍ମାଙ୍କୁ ସେ ଆମ୍ଭମାନଙ୍କ ତ୍ରାଣକର୍ତ୍ତା ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚୁର ରୂପେ ଆମ୍ଭମାନଙ୍କ ଉପରେ ଦେଲେ, [୭] ଯେପରି ଆମ୍ଭେମାନେ ତାହାଙ୍କ ଅନୁଗ୍ରହରେ ଧାର୍ମିକ ଗଣିତ ହୋଇ ଭରସାନୁସାରେ ଅନନ୍ତ ଜୀବନର ଅଧିକାରୀ ହେବୁ ।

**ଲୂକ ୬:୩୫ପଦ** ମାତ୍ର ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମ କର ଏବଂ ସେମାନଙ୍କର ମଙ୍ଗଳ କର, ପୁଣି, ପରିଶୋଧର ଆଶା ନ ରଖି ଋଣ ଦିଅ; ତାହାହେଲେ ତୁମ୍ଭମାନଙ୍କର ପୁରସ୍କାର ପ୍ରଚୁର ହେବ ଓ ତୁମ୍ଭେମାନେ ମହାନ ଈଶ୍ୱରଙ୍କ ସନ୍ତାନ ହେବ, କାରଣ ସେ ଅକୃତଜ୍ଞ ଓ ଦୁଷ୍ଟମାନଙ୍କ ପ୍ରତି ଦୟାଳୁ ଅଟନ୍ତି ।
**ଗୀତସଂହିତା ୧୪୫: ୮ ପଦ** ସଦାପ୍ରଭୁ କୃପାବାନ ଓ ସ୍ନେହଶୀଳ; କ୍ରୋଧରେ ଧୀର ଓ ଦୟାରେ ମହାନ ।

**ଗୀତସଂହିତା ୧୧୯:୮୮ ପଦ** ତୁମ୍ଭର ସ୍ନେହପୂର୍ଣ୍ଣ କରୁଣାନୁସାରେ ମୋ' ଜୀବନକୁ ରକ୍ଷା କର; ତହୁଁ ମୁଁ ତୁମ୍ଭ ମୁଖର ପ୍ରମାଣ-ବାକ୍ୟ ପାଳନ କରିବି।

**ଆମକୁ ଦୟାଳୁ ହେବାକୁ ଆହ୍ୱାନ କରାଯାଇଛି ।**
**ଏଫିସିୟ ୪:୩୨ପଦ** ଆଉ ପରସ୍ପର ପ୍ରତି ସଦୟ ହୁଅ, କୋମଳ ହୃଦୟ ପୁଣି, ଈଶ୍ୱର ଖ୍ରୀଷ୍ଟଙ୍କଠାରେ ତୁମ୍ଭମାନଙ୍କୁ ଯେପରି କ୍ଷମା କଲେ, ସେହିପରି ପରସ୍ପରକୁ କ୍ଷମା କର ।

**ହିତୋପଦେଶ୧୧:୧୭ପଦ** ଦୟାଳୁ ଲୋକ ଆପଣା ପ୍ରାଣର ହିତ କରେ; ମାତ୍ର ଯେ ନିର୍ଦ୍ଦୟ, ସେ ଆପଣା ଦେହକୁ ଦୁଃଖ ଦିଏ ।
**ହିତୋପଦେଶ** ୧୬:୨୪ପଦ ମନୋହର ଭାଷା ମଧୁଚାକ ସଦୃଶ, ତାହା ମନକୁ ସୁମିଷ୍ଟ, ଅସ୍ଥିକୁ ସ୍ୱାସ୍ଥ୍ୟ ।

**ସାରାଂଶ:** ଦୟାଳୁ ହେବା ସମସ୍ତଙ୍କ ପାଇଁ ଲାଭଦାୟକ ଏବଂ ସ୍ୱାସ୍ଥକର ଅଟେ ।

---

## ୭. ଭଦ୍ରତା

**ପରମେଶ୍ୱର ଉତ୍ତମ ଅଟନ୍ତି ।**
**ଗୀତସଂହିତା ୧୧୯:୬୮ପଦ** ତୁମ୍ଭେ ମଙ୍ଗଳମୟ ଓ ମଙ୍ଗଳକାରୀ; ମୋତେ ତୁମ୍ଭ ବିଧିସବୁ ଶିଖାଅ ।

**ଗୀତସଂହିତା ୩୪:୮ପଦ** ଆହେ, ସଦାପ୍ରଭୁ ଯେ ମଙ୍ଗଳମୟ, ଏହା ଆସ୍ୱାଦନ କରି ଦେଖ; ଯେ ତାହାଙ୍କର ଶରଣାଗତ, ସେ ଲୋକ ଧନ୍ୟ ।

**ପ୍ରଥମ ବଂଶାବଳୀ ୧୬:୩୪ ପଦ** ସଦାପ୍ରଭୁଙ୍କର ଧନ୍ୟବାଦ କର; କାରଣ ସେ ମଙ୍ଗଳମୟ, ତାହାଙ୍କ ଦୟା ଅନନ୍ତକାଳସ୍ଥାୟୀ ।

**ଗୀତସଂହିତା ୧୪୫:୯ପଦ** ସଦାପ୍ରଭୁ ସମସ୍ତଙ୍କ ପ୍ରତି ମଙ୍ଗଳମୟ; ପୁଣି, ତାହାଙ୍କ ହସ୍ତକୃତ ସମସ୍ତ କର୍ମ ଉପରେ ତାହାଙ୍କର ଦୟା ଥାଏ ।

**ଗୀତସଂହିତା ୩୧:୧୯ପଦ** ଆଃ, ତୁମ୍ଭେ ଆପଣା ଭୟକାରୀମାନଙ୍କ ପାଇଁ ଯେଉଁ ମଙ୍ଗଳ ସଞ୍ଚୟ କରିଅଛ, ମନୁଷ୍ୟ-ସନ୍ତାନଗଣ ସାକ୍ଷାତରେ ଆପଣା ଶରଣାଗତ ଲୋକଙ୍କ ପାଇଁ ଯେଉଁ ମଙ୍ଗଳ ସାଧନ କରିଅଛ, ତାହା କିପରି ମହତ୍ !

**ଆମକୁ ମଙ୍ଗଳକାରୀ କର୍ମ କରିବାକୁ ପଡିବ ।**
**ଗାଲାତୀୟ ୬:୧୦ପଦ** ଅତଏବ, ଆମ୍ଭେମାନେ ସୁଯୋଗ ଅନୁସାରେ ସମସ୍ତଙ୍କର, ବିଶେଷତଃ, ଏକ ପରିବାରଭୁକ୍ତ ବିଶ୍ୱାସୀ ସମସ୍ତଙ୍କର ମଙ୍ଗଳ କରୁ ।

**ମୀଖା ୬:୮ପଦ** ହେ ମନୁଷ୍ୟ, ଯାହା ଉତ୍ତମ, ତାହା ସେ ତୁମ୍ଭକୁ ଜଣାଇ ଅଛନ୍ତି; ନ୍ୟାୟାଚରଣ, ଦୟା ଭଲ ପାଇବା ଓ ନମ୍ର ଭାବରେ ତୁମ୍ଭ ପରମେଶ୍ୱରଙ୍କ ସହିତ ଗମନାଗମନ କରିବାର, ଏହାଛଡ଼ା ସଦାପ୍ରଭୁ ତୁମ୍ଭଠାରୁ ଆଉ କଅଣ ଚାହାନ୍ତି ?
**ଆମକୁ ଯାହା ଉତ୍ତମ, ସେଥିରେ ଆସକ୍ତ ହେବାକୁ ପଡିବ ।**
**ରୋମୀୟ ୧୨:୯ପଦ** ପ୍ରେମ ନିଷ୍କପଟ ହେଉ । ଯାହା ମନ୍ଦ, ତାହା ଘୃଣା କର; ଯାହା ଉତ୍ତମ, ସେଥିରେ ଆସକ୍ତ ହୁଅ;

**ସାରାଂଶ**: ଉତ୍ତମତା ହେଉଛି ଧାର୍ମିକତାରେ ବଞ୍ଚିବା, ଜଗତ ଅପେକ୍ଷା ପରମେଶ୍ୱରଙ୍କୁ ସନ୍ତୁଷ୍ଟ କରୁଥିବା କର୍ମ କରିବାକୁ ବାଛିବା ।

---

## ୭. ବିଶ୍ୱସ୍ତତା

**ପରମେଶ୍ୱର ବିଶ୍ୱସ୍ତ ଅଟନ୍ତି ।**
**୨ ଥେସଲନୀକୀୟ ୩:୩ପଦ** କିନ୍ତୁ ପ୍ରଭୁ ବିଶ୍ୱସ୍ତ, **ସେ ତୁମ୍ଭମାନଙ୍କୁ ସ୍ଥିର କରି ମନ୍ଦରୁ** ରକ୍ଷା କରିବେ ।

**୧ମ କରିନ୍ଥୀୟ ୧୦:୧୩ପଦ** ମନୁଷ୍ୟ ପ୍ରତି ଯେଉଁ ପ୍ରକାର ପରୀକ୍ଷା ସ୍ୱାଭାବିକ, ତାହା ଛଡ଼ା ଅନ୍ୟ ପ୍ରକାର ପରୀକ୍ଷା ତୁମ୍ଭମାନଙ୍କ ପ୍ରତି ଘଟି ନାହିଁ; କିନ୍ତୁ ଈଶ୍ୱର ବିଶ୍ୱାସ୍ୟ, ସେ ତୁମ୍ଭମାନଙ୍କୁ କୌଣସି ଅସହ୍ୟ ପରୀକ୍ଷାରେ ପରୀକ୍ଷିତ ହେବାକୁ ଦେବେ ନାହିଁ, ମାତ୍ର ଯେପରି ତୁମ୍ଭେମାନେ ସହ୍ୟ କରି ପାର, ଏଥିପାଇଁ ପରୀକ୍ଷା ଘଟିବା ସଙ୍ଗେ ସଙ୍ଗେ ସେ ଉଦ୍ଧାରର ପଥ ମଧ୍ୟ ପ୍ରସ୍ତୁତ କରିବେ ।

**୧ମ ଯୋହନ ୧:୯ପଦ** ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପ କ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।

**ବିଳାପ ୩:୨୨-୨୩ପଦ** ସଦାପ୍ରଭୁଙ୍କର ବିବିଧ ଦୟା ସକାଶୁ ଆମ୍ଭେମାନେ ବିନଷ୍ଟ ହୋଇ ନାହୁଁ, କାରଣ ତାହାଙ୍କର କରୁଣା ଶେଷ ହୁଏ ନାହିଁ । ସେହିସବୁ ପ୍ରତି ପ୍ରଭାତରେ ନୂତନ ହୋଇଥା; ଓ ତୁମ୍ଭର ବିଶ୍ୱସ୍ତତା ମହତ୍ ଅଟେ ।

**ଆମକୁ ବିଶ୍ୱସ୍ତ ରହିବାକୁ ଆଦେଶ ଦିଆଯାଇଛି ।**
**ମାଥିଉ ୨୫:୨୧ପଦ** ତାହାର ପ୍ରଭୁ ତାହାକୁ କହିଲେ, ବେଶ୍ , ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା ପ୍ରଭୁଙ୍କ ....

**ସାରାଂଶ:** ଯେପରି ସ୍ୱାମୀ ଏବଂ ସ୍ତ୍ରୀମାନେ ବିଶ୍ୱସ୍ତ ହେବା ଉଚିତ, ସେହିପରି ଆମ୍ଭେମାନେ ଯେଉଁମାନେ ଶାସ୍ତ୍ରରେ "କନ୍ୟା" ବୋଲି କୁହାଯାଉଅଛୁ, ଆମ୍ଭେମାନେ ଯୀଶୁଙ୍କ ପ୍ରତି ବିଶ୍ୱସ୍ତ ହେବା ଉଚିତ । ଆମ୍ଭେମାନେ ତାଙ୍କ ଆଜ୍ଞା ପାଳନ କଲେ ବିଶ୍ୱସ୍ତ ବୋଲି ଗଣିତ ହେବା ।

---

## ୮. ମୃଦୁତା

**ଯୀଶୁ ମୃଦୁଶୀଳ ଅଟନ୍ତି ।**

**ମାଥିଉ ୧୧:୨୯ପଦ** ଯୀଶୁ କହିଲେ, ମୋ'ନିକଟରୁ ଶିଖ, କାରଣ, ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ ।

**ମାଥିଉ ୨୧:୫ ପଦ** ତୋର ରାଜା ତୋ ନିକଟକୁ ଆସୁଅଛନ୍ତି; ସେ ନମ୍ର ଓ ଗର୍ଦ୍ଦଭାରୋହୀ ।

**ଯୀଶୁଙ୍କୁ ପରମେଶ୍ୱରଙ୍କ ମେଷଶାବକ ସହିତ ତୁଳନା କରାଯାଇଥିଲା ଏବଂ ମେଷଶାବକମାନେ ମୃଦୁଶୀଳ:**
**ଯୋହନ ୧:୨୯ପଦ** ଏହି ଦେଖ, ଈଶ୍ୱରଙ୍କ ମେଷଶାବକ, ଯେ ଜଗତର ପାପ ବୋହିନେଇଯାଆନ୍ତି ।

**ଆମକୁ ନମ୍ର ହେବାକୁ ଆହ୍ୱାନ କରାଯାଇଛି ।**
**ଏଫିସୀୟ ୪:୨ପଦ** ଅର୍ଥାତ୍ ସର୍ବପ୍ରକାର ନମ୍ରତା, ମୃଦୁତା, ଦୀର୍ଘ ସହିଷ୍ଣୁତା ଓ ପ୍ରେମରେ ପରସ୍ପର ପ୍ରତି ସହନଶୀଳ ହୁଅ;
**ଫିଲିପ୍ପୀୟ ୪:୫ ପଦ** ତୁମ୍ଭମାନଙ୍କର ମୃଦୁପଣ ସମସ୍ତ ଲୋକଙ୍କ ନିକଟରେ ପ୍ରକାଶିତ ହେଉ ।
**୨ୟ ତୀମଥି ୨:୨୪ପଦ** ପ୍ରଭୁଙ୍କର ଦାସ ବିରୋଧ କରିବା ଉଚିତ୍ ନୁହେଁ, ମାତ୍ର ସମସ୍ତଙ୍କ ପ୍ରତି କୋମଳ, ହେବା ଉଚିତ୍ ।

**ମୃଦୁଶୀଳ ହେବାର ଫଳାଫଳ:**
**ହିତୋପଦେଶ ୨୫:୧୫ପଦ** ଦୀର୍ଘସହିଷ୍ଣୁତା ଦ୍ୱାରା ଶାସନକର୍ତ୍ତା ମଣାଯାଏ, ପୁଣି, କୋମଳ ଜିହ୍ୱା ଅସ୍ଥି ଭଗ୍ନ କରେ ।

**ସାରାଂଶ**: କୋମଳତା ଏକ ସୁନ୍ଦର ଗୁଣ ଅଟେ ଯାହା ଦ୍ୱାର ଖୋଲିଦିଏ । ଏହା କଠୋରତାର ବିପରୀତ ଅଟେ ।

---

## ୯. ଆତ୍ମ- ସଂଯମ

**ପବିତ୍ର ଆତ୍ମାଙ୍କ ମାଧମରେ ଆମ ସମସ୍ତଙ୍କର ଆତ୍ମ-ସଂଯମ ଅଛି ।**
**୨ୟ ତୀମଥି ୧:୭ପଦ** କାରଣ ଈଶ୍ୱର ଆମ୍ଭମାନଙ୍କୁ ଭୟର ଆତ୍ମା ଦେଇ ନାହାଁନ୍ତି, ମାତ୍ର ଶକ୍ତି, ପ୍ରେମ ଓ ସୁବୁଦ୍ଧିର ଆତ୍ମା ଦେଇଅଛନ୍ତି ।

**ଆତ୍ମ-ସଂଯମ ତୁମର ଜୀବନ ରକ୍ଷା କରିବ ।**
**ହିତୋପଦେଶ ୨୫:୨୮ପଦ** ଯାହାର ଆତ୍ମା ଅଟକ ମାନେ ନାହିଁ, ସେ ଭଗ୍ନ ଓ ପ୍ରାଚୀରହୀନ ନଗର ତୁଲ୍ୟ।

**୧ମ କରିନ୍ଥୀୟ ୯:୨୪-୨୭ପଦ**
[୨୪] ଯେଉଁମାନେ ରଙ୍ଗଭୂମିରେ ଦୌଡ଼ନ୍ତି, ସେମାନେ ସମସ୍ତେ ଦୌଡ଼ନ୍ତି ସତ, କିନ୍ତୁ କେବଳ ଜଣେ ଯେ ପଣ ପାଏ,
ଏହା କି ତୁମ୍ଭେମାନେ ଜାଣ ନାହିଁ ? ତୁମ୍ଭେମାନେ ଯେପରି ପଣ ପାଇବ, ଏଥିପାଇଁ ସେହିପରି ଦୌଡ଼ । [୨୫] ଯେ କେହି
କ୍ରୀଡ଼ାରେ ପ୍ରତିଦ୍ୱନ୍ଦିତା କରେ, ସେ ସମସ୍ତ ବିଷୟରେ ପରିମିତଭୋଗୀ ହୁଏ; ସେମାନେ କ୍ଷୟଣୀୟ ମୁକୁଟ ପାଇବା
ନିମନ୍ତେ ତାହା କରନ୍ତି; ମାତ୍ର ଆମ୍ଭେମାନେ ଅକ୍ଷୟ ମୁକୁଟ ପାଇବା ନିମନ୍ତେ ତାହା କରୁ । [୨୬] ଅତଏବ ମୁଁ ଦୌଡୁଅଛି,
କିନ୍ତୁ ବିନାଲକ୍ଷ୍ୟରେ ନୁହେଁ, ମୁଁ ମୁଷ୍ଟିଯୁଦ୍ଧ କରୁଅଛି, କିନ୍ତୁ ଶୂନ୍ୟକୁ ଆଘାତ କରିବା ଲୋକ ପରି ନୁହେଁ । [୨୭] ଅନ୍ୟ
ଲୋକମାନଙ୍କ ନିକଟରେ ପ୍ରଚାର କରି କାଳେ ମୁଁ ନିଜେ କୌଣସି ପ୍ରକାରେ ଅଗ୍ରାହ୍ୟ ହୁଏ, ଏଥିପାଇଁ ମୋହର ନିଜ
ଶରୀରକୁ କଷ୍ଟ ଦେଇ ବଶରେ ଦାସ କରି ରଖୁଅଛି ।

**ହିତୋପଦେଶ ୧୬:୩୨ପଦ** ଯେ କ୍ରୋଧରେ ଧୀର, ସେ ବୀର ଅପେକ୍ଷା ଶ୍ରେଷ୍ଠ; ପୁଣି, ଯେ ନିଜ ଆତ୍ମା ଉପରେ କର୍ତ୍ତୃତ୍ୱ କରେ, ସେ ନଗର ଜୟକାରୀ ଅପେକ୍ଷା ଭଲ ।

**ଜଣେ ପ୍ରାଚୀନଙ୍କ ପାଇଁ ଆତ୍ମ-ନିୟନ୍ତ୍ରଣ ଏକ ଆବଶ୍ୟକତା ଅଛି ।**
**ତୀତସ ୧:୭-୯ପଦ** କାରଣ ଅଧ୍ୟକ୍ଷ, ଈଶ୍ୱରଙ୍କ ବେବର୍ତ୍ତା ସ୍ୱରୂପେ ନିର୍ଦ୍ଦୋଷ ହେବା ଆବଶ୍ୟକ; ସେ ସ୍ୱେଚ୍ଛାଚାରୀ କି ଆଶୁକ୍ରୋଧୀ କି ମଦ୍ୟପାୟୀ କି ବିବାଦପ୍ରିୟ କି କୁତ୍ସିତ ଧନଲୋଭର ଅଭିଳାଷୀ ନ ହୋଇ ଆତିଥ୍ୟ ପ୍ରିୟ, [8]ଉତ୍ତମ ବିଷୟର ଅନୁରାଗୀ, ସୁବୁଦ୍ଧି, ନ୍ୟାୟପରାୟଣ, ସାଧୁ ଓ ମିତାଚାରୀ ହେଉନ୍ତୁ, [9]ପୁଣି, ଯେପରି ସେ ହିତଜନକ ଶିକ୍ଷା ଦେଇ ଉତ୍ସାହ ଦେବାକୁ ଓ ବିପକ୍ଷବାଦୀମାନଙ୍କୁ ଅନୁଯୋଗ କରିବାକୁ ସକ୍ଷମ ହୁଅନ୍ତି, ଏଥି ନିମନ୍ତେ ପ୍ରାପ୍ତ ଶିକ୍ଷାନୁଯାୟୀ ବିଶ୍ୱାସଯୋଗ୍ୟ ବାକ୍ୟକୁ ଦୃଢ ଭାବରେ ଧରନ୍ତୁ ।

**ସାରାଂଶ:** ଆତ୍ମ-ନିୟନ୍ତ୍ରଣ ଆମକୁ ପ୍ରଲୋଭନର ପ୍ରତିରୋଧ କରିବାକୁ ଏବଂ ପରମେଶ୍ୱରଙ୍କ ଇଚ୍ଛା ଅନୁସାରେ ଜୀବନଯାପନ କରିବାକୁ ସକ୍ଷମ କରେ ।

---

## ଶେଷ ପ୍ରତିଫଳନ ।

ପ୍ରାର୍ଥନାରେ, ପରମେଶ୍ୱରଙ୍କ ବାକ୍ୟର ଜ୍ଞାନରେ, ଆଜ୍ଞାପାଳନରେ ଏବଂ ପ୍ରତିଦିନ ସମର୍ପଣ ମାଧ୍ୟମରେ ଆମେ ପବିତ୍ର ଆତ୍ମାର ଫଳ ବୃଦ୍ଧି ପାଇଥାଉ । ପବିତ୍ର ଆତ୍ମାଙ୍କ ଫଳ ଉତ୍ତମ ଏବଂ ଆମକୁ ସୁଶୋଭିତ କରିଥାଏ ।

### ପ୍ରଶ୍ନ:

1. ଆପଣ କେଉଁ ଫଳକୁ ସବୁଠାରୁ ଶକ୍ତିଶାଳୀ ଅନୁଭବ କରନ୍ତି ?
2. ଆପଣଙ୍କୁ କେଉଁ ଫଳରେ ସବୁଠାରୁ ଅଧିକ ବୃଦ୍ଧି ପାଇବାକୁ ପଡିବ ?

**ଚତୁର୍ଥ ପାଠ – ସମାପ୍ତ**

Odia Translator – Ps Dipti Prakash Rajhans North India